ପାଠ-୧୫

# ଶଙ୍ଖୀ ବିଲେଇର ଶଙ୍ଖା



ମାଙ୍କଡ଼ ଟଙ୍କା ପୁଡ଼ିଆଟି ଧରି ବଜାର ଗଲା । ଲଙ୍କା କିଣିଲା । ଦୋକାନରେ ପଙ୍ଖା ଘୁରୁଥିଲା ।



ଏତିକି ବେଳେ ଶଙ୍ଖୀ ବିଲେଇ, ଛପିଛପି ପଟେ ଶଙ୍ଖା ନେଇ ପଳେଇଲା ।



ମାଙ୍କଡ଼ ଶଙ୍ଖୀର
କାମ ଦେଖିଲା ।
ବାଉଳାରେ ନାଲି
ଲଙ୍କାଟି ଚୋବାଇ
ଦେଲା । ଲଙ୍କା ଖାଇ
ମାଙ୍କଡ଼ର
ମୁହଁ ବଙ୍କା..... !

ଶଙ୍ଖୀ ବିଲେଇ ମାଙ୍କଡ଼ର ବଙ୍କା ମୁହଁ ଦେଖି ଫେଁ କିନା ହସିଦେଲା ।



# ଅଭ୍ୟାସ

୧.କ) ଚିତ୍ର ମଝିରେ ଥିବା 'ଙ୍କ' ଅକ୍ଷରକୁ ତା' ଚାରିପଟେ ଥିବା ଶବ୍ଦଗୁଡ଼ିକରେ ଥିବା 'ଙ୍କ' ଅକ୍ଷର ସହିତ ଗାର ଟାଣି ଯୋଡ଼ିବା ।




ଖ) ଶଙ୍ଖ ମଝିରେ ଥିବା 'ଙ୍ଖ' ଅକ୍ଷରକୁ ଚାରିପଟେ ଥିବା ଶବ୍ଦଗୁଡ଼ିକର 'ଙ୍ଖ' ସହିତ ଗାର ଟାଣି ଯୋଡ଼ିବା ।



୨ .ଖାଲିଘରେ ଭାବି ଲେଖିବା, ଯେପରି-

| | | | | | | |
|---|---|---|---|---|---|---|
| ଝିଙ୍କ | ଅଙ୍କ | | | | | |

୩. ପାଠରେ ଯେଉଁ ଶବ୍ଦରେ 'ଙ୍କ' ଓ 'ଙ୍ଖ' ଅଛି, ସେଗୁଡ଼ିକୁ ଦେଖି ଲେଖିବା ।

୪. ଆସ କେତୋଟି ମୁଦ୍ରାକୁ ଜାଣିବା ।



## ୫. ସମାନ ପରିମାଣର ମୁଦ୍ରାରୁ ନୋଟ୍‌କୁ ଗାର ଟାଣିବା ।
























## ୬. ଆସ ଖେଳଣା କିଣିବା ।

କ) କେତେ ଟଙ୍କାରେ ବିଲେଇ ମିଳିବ ?

ଖ) ୩ ଟଙ୍କାରେ କ'ଣ ମିଳିବ ?

ଗ) କେତେ ଟଙ୍କା ଦେଲେ ବିଲେଇ ଓ ହଂସର ଖେଳଣା କିଣିପାରିବ ?

ଘ) ଶୁଆ ଓ ହଂସ କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ ?

ଙ) ମୂଷା ଓ ଝିଟିପିଟିର ଦାମ୍ ମିଶି କେତେ ?

ଚ) ବିଲେଇ ଓ ମୂଷା ଖେଳଣା କିଣିଲେ କେତେ ଟଙ୍କା ଦେବ ?



## ୭. କିଏ କମ୍ କିଏ ବେଶି ଜାଣିବା ।



ପ୍ରଥମ



ଦ୍ୱିତୀୟ

କ) ପ୍ରଥମ ଗଛରେ ଥିବା ଆମ୍ବ – ଦ୍ୱିତୀୟ ଗଛରେ ଥିବା ଆମ୍ବ

= ☐ ଟି ଆମ୍ବ ।

ଖ) ଦ୍ୱିତୀୟ ଗଛରେ ଥିବା ଆମ୍ବ – ଗଛ ତଳେ ପଡ଼ିଥିବା ଆମ୍ବ

= ☐ ଟି ଆମ୍ବ ।

| | | | | | |
|---|---|---|---|---|---|
| ଗ) | ୯ | - | ୫ | = | |
| ଘ) | ୧୫ | - | ୪ | = | |
| ଙ) | ୧୭ | - | ୬ | = | |

୮. ଆମ୍ବକୁ ରଙ୍ଗ କରିବା ।



୯. ତଳେ ଗାର ଦିଆଯାଇଥିବା ମୁହଁର ବିଭିନ୍ନ ଅଂଶର ନାମ ଲେଖିବା ।



## ୧୦. ଆସ ଲେଖିବା ।





## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖି ଶିକ୍ଷାର୍ଥୀମାନେ ଗପଟିକୁ ୨/୩ ଥର ପଢ଼ିବେ । ସେଥିରୁ ପୂରାଧାଡ଼ି, ଅଧା ଧାଡ଼ି, ଶବ୍ଦକ୍ରମରେ ଅକ୍ଷର ଚିହ୍ନଟ କରିବେ ।
- ଙ୍କ, ଙ୍ଖ ଅକ୍ଷର ଚିହ୍ନଟ କରିବେ, ପଢ଼ିବେ ଓ ଲେଖିବେ । ଙ୍କ, ଙ୍ଖ ଥିବା ଶବ୍ଦଗୁଡ଼ିକୁ ପଢ଼ିବା ଓ ଲେଖିବା ଅଭ୍ୟାସ କରିବେ ।
- ପ୍ରଚଳିତ ସମସ୍ତ ମୁଦ୍ରା ଓ ନୋଟ୍ ପିଲାମାନଙ୍କୁ ଦେଖାଇ ପରିଚିତ କରାଇବେ ।
- ଅଭ୍ୟାସ ୫, ୬, ୭ ଭଳି ଅନ୍ୟଗୁଡ଼ିଏ ପ୍ରଶ୍ନ ପିଲାମାନଙ୍କୁ ଦିଆଯାଇ ଅଭ୍ୟାସ କରାଯିବା ଆବଶ୍ୟକ ।
- ଅଭ୍ୟାସ ୮ ଭଳି ଅନ୍ୟ ଚିତ୍ରର ଅଭ୍ୟାସ ମଧ୍ୟ ପିଲାମାନଙ୍କୁ ଦିଆଯିବା ଆବଶ୍ୟକ ।
- ୨୨ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କୁ 'ଙ୍କ' , 'ଙ୍ଖ' ପଢ଼ିବା, ଲେଖିବା, ମୁଦ୍ରା ପରିଚୟ, ନୋଟ୍ ପରିଚୟ, ମୁଦ୍ରା ତୁଳନା, ମୁଦ୍ରାରେ ୯ ମଧ୍ୟରେ ଯୋଗ, ୨୦ ମଧ୍ୟରେ ବିୟୋଗ ଓ ବାହ୍ୟ ଅଙ୍ଗର ବିଭିନ୍ନ ଅଂଶର ନାମ ଜାଣିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।